ଧରିତ୍ରୀ
DHARITRI
ସୋମବାର, ଅଗଷ୍ଟ ୧୦, ୨୦୨୦



## ଭୋଜି ବନ୍ଦ କଲେ ତହସିଲଦାର

ଧରାକୋଟ,(ଡି.ଏନ୍.ଏ.)- କୋଭିଡ୍ କଟକଣା ନ ମାନି ଧରାକୋଟ ଅଞ୍ଚଳରେ ଭୋଜି କରୁଥିବା ଓ ଦୋକାନ ଖୋଲିଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରିଛି ପ୍ରଶାସନ। ଭଞ୍ଜନଗର ଅତିରିକ୍ତ ଜିଲାପାଳ ଦିଲ୍ଲୀପ ମହାରଣା ଓ ଧରାକୋଟ ତହସିଲଦାର କବିରାଜ ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ଓଳନ୍ଧ ଗ୍ରାମରେ ଭୋଜି ଆୟୋଜନ ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ଭୋଜି ବନ୍ଦ କରିବା ସହ ଆୟୋଜନକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେହିପରି ଧରାକୋଟ ନିକଟସ୍ଥ ଚାରିଛକର ୨ଟି ଦୋକାନ ସମେତ ଭଣ୍ଡାରିବସା ଛକର ଗୋଟିଏ ଦୋକାନ ଶଟ୍‌ଡାଉନ୍‌ରେ ଖୋଲିଥିବାରୁ ଜରିମାନା ଆଦାୟ କରାଯାଇଥିଲା।

## ସଂକ୍ଷେପରେ

### ଅମାନିଆ ଦେଲେ ଜରିମାନା

ବୁଗୁଡ଼ା,୯।୮(ଡି.ଏନ.ଏ.)-କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲାରେ ଅଗଷ୍ଟ ମାସରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ ହୋଇଛି। ଶନିବାର ଓ ରବିବାର ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ବୁଗୁଡ଼ା ସହରରେ ବୁଲାବୁଲି କରୁଥିବା କେତେଜଣଙ୍କଠାରୁ ଜରିମାନା ଆଦାୟ୍ କରାଯାଇଛି। ସ୍ଥାନୀୟ ମଦନମୋହନ ଛକଠାରେ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ପୋଲିସ ପକ୍ଷରୁ ଯାଞ୍ଚ ହୋଇଥିଲା। କୋଭିଡ୍ ନିୟମ ପ୍ରକାରେ ମାସ୍କ ନ ପିନ୍ଧିବା ଏବଂ ବାଇକ୍‌ରେ ୨ ଜଣ ଯାଉଥିବା ଲୋକଙ୍କଠାରୁ ପ୍ରଶାସନ ୮୨୦୦ ଟଙ୍କା ଜରିମାନା ଆଦାୟ୍ କରିଛି। ପୁନର୍ବାର ଭୁଲ ନ କରିବା ପାଇଁ ସେମାନଙ୍କୁ ତାଗିଦ୍ କରାଯାଇଛି।

### ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି

ଦିଗପହଣ୍ଡି,୯।୮(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ ଧାନ୍ୟରାଶି ଗ୍ରାମ ଚନ୍ଦ୍ରକଲ୍ଲେଶ୍ୱରଙ୍କ ପୀଠରୁ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ୧୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରିଛନ୍ତି। କରୋନା ଲାଗି ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲାଗିଛି। ଏହାର ସୁଯୋଗ ନେଇ ଶନିବାର ରାତିରେ ଦୁର୍ବୃତ୍ତମାନେ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେବା ସହ ଭଣ୍ଡାରଘର ଓ ମନ୍ଦିର କାର୍ଯ୍ୟାଳୟ ତାଲାଭାଙ୍ଗି ବିଭିନ୍ନ ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଛନ୍ତି। ରବିବାର ଭୋରରେ ପୂଜକ ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ମନ୍ଦିର ପରିଚାଳନା କମିଟି ଏ ସମ୍ପର୍କରେ କେ. ନୂଆଗାଁ ଥାନାରେ ଜଣାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଦିଗପହଣ୍ଡି,୯।୮(ଡି.ଏନ.ଏ.) ସାପ କାମୁଡ଼ାରେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କୋଟିନଡ଼ା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାସନ୍ତୀ ବେହେରା। ଶନିବାର ବାସନ୍ତୀ ଜମିରେ କାମ କରୁଥିବା ବେଳେ ସାପ କାମୁଡ଼ିଥିଲା। ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର୍‌ରେ ତାଙ୍କର ମୃତ୍ୟୁ ଘଟିଛି। ବୈଦ୍ୟନାଥପୁର ଥାନା ପୋଲିସ ମୃତଦେହ ଜବତ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### କରୋନାରେ ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

ଶେରଗଡ,୯।୮(ଡି.ଏନ୍.ଏ.)- ଶେରଗଡ ବ୍ଲକ ଠୁରୁବୁରାଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଶିଷ୍ଠ କୁମାର ପ୍ରହରାଜଙ୍କର ଗତ ଜୁଲାଇ ମାସରେ କରୋନାରେ ମୃତ୍ୟୁ ଘଟିଥିଲା। ରବିବାର ଶେରଗଡ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଜସ୍ୱ ଦରମାରୁ ୧ଲକ୍ଷ ୩୫ହଜାର ୫୨୦ଟଙ୍କା ମୃତ ଶିକ୍ଷକଙ୍କ ସ୍ତ୍ରୀ ଅର୍ଚ୍ଚନା ପ୍ରହରାଜଙ୍କୁ ପ୍ରଦାନ କରିଛନ୍ତି। ବିଇଓ ଭାସ୍କର ଲେଙ୍କା ଏହି ଅର୍ଥ ପ୍ରଦାନ କରିଥିଲେ। ଗୋବିନ୍ଦପୁର ସରପଞ୍ଚ ସୀମାଞ୍ଚଳ ପ୍ରଧାନ, ମିଳିତ ଶିକ୍ଷକ ସଂଘ ସଭାପତି କାଳୀଚରଣ ଚୌଧୁରୀ, ସିଆରସିସି ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବୋମାମାଡ ଘଟଣା: ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ଭଞ୍ଜନଗର,୯।୮(ଡି.ଏନ.ଏ)- ଭଞ୍ଜନଗର ଥାନା ଦଦରାଲୁଣ୍ଡାରେ ଶୁକ୍ରବାର ରାତିରେ ବୋମାମାଡ ଘଟି କୃଷ୍ଣ ଗୌଡ଼ଙ୍କ ମୃତ୍ୟୁ ହୋଇଥିଲା। ୪୮ ଘଣ୍ଟା ବିତିଥିଲେ ମଧ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ଏସ୍‌ପି ମଧ ଘଟଣାର ତଦନ୍ତ କରିଛନ୍ତି। ପୋଲିସ ପଇତାଗାଁ ଏବଂ ଦଦରାଲୁଣ୍ଡାର କେତେଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷେ ଏହି ହତ୍ୟା ମାମଲା ବିରୋଧରେ ସମ୍ପୃକ୍ତ ଗ୍ରାମର କିଛି ଲୋକ ପାଲଟା ଅଭିଯୋଗ କରିବାକୁ ରବିବାର ଥାନାରେ ପହଞ୍ଚିଥିଲେ। ଯାହାକୁ ନେଇ ନୂଆ ବିବାଦ ଦେଖାଦେଇଛି। ଏନେଇ ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ମତାମତ ନେବାପାଇଁ ଉଦ୍ୟମ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନଥିଲେ।

### ଆଦିବାସୀ ଭାରତ ମହାସଭାର ବିକ୍ଷୋଭ

ଭଞ୍ଜନଗର,୯।୮(ଡି.ଏନ୍.ଏ.)- ୧୬ଦଫା ଦାବିନେଇ ଆଦିବାସୀ ଭାରତ ମହାସଭା ପକ୍ଷରୁ ରବିବାର ଜଗନ୍ନାଥପ୍ରସାଦ ବ୍ଲକ ସୁନାପଲ୍ଲୀ, କନ୍ହେଇମୁଣ୍ଡଳି, ଜାଡ଼ଧାର, ଏକଘରିଆପଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାର ନେତୃତ୍ୱ ନେଇଥିଲେ ଆଦିବାସୀ ଭାରତ ମହାସଭାର ଜିଲା ସହ ସମ୍ପାଦକ ବିଷ୍ଣୁ ପ୍ରସାଦ ମଲ୍ଲିକ, ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ଭରତ ମଲ୍ଲିକ, କ୍ରାନ୍ତିକାରୀ କୃଷକ ସଭା ଜିଲା ସମ୍ପାଦକ ଟୁନା ମଲ୍ଲିକ ପ୍ରମୁଖ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବର୍ଷକୁ ୨ଶହ ଦିନ କାମ, ଦୈନିକ ପାରିଶ୍ରମିକ ୬ଶହ ଟଙ୍କା କରିବା, କୃଷି ବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର, କରୋନା ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇବା, ଋଣ ଛାଡ଼ ଦାବି ରହିଛି।

# ଜୁଲାଇ ତୃତୀୟ ସପ୍ତାହରୁ କମୁଛନ୍ତି ଆକ୍ରାନ୍ତ

**ଛତ୍ରପୁର,୯।୮(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଦିନକୁ ଦିନ ପଜିଟିଭ୍‌ଙ୍କ ସଂଖ୍ୟା କମୁଥିବା ନେଇ ଜିଲା କୋଭିଡ୍ ସେଲ୍ ପକ୍ଷରୁ ଗ୍ରାଫ୍ ଓ ତଥ୍ୟ ମାଧ୍ୟମରେ ରବିବାର ସୂଚନା ଦିଆଯାଇଛି। ଗତ ସପ୍ତାହକ ମଧ୍ୟରେ ଟେଷ୍ଟ ଅଧିକ ହୋଇଥିବା ବେଳେ ସେହି ତୁଳନାରେ ପଜିଟିଭ୍ ଚିହ୍ନଟ ବହୁତ କମ୍ ହୋଇଥିବା ସେଲ୍ ପକ୍ଷରୁ କୁହାଯାଇଛି। ଏଥିସହ ରବିବାର ଜୁନ୍, ଜୁଲାଇର ପ୍ରତି ସପ୍ତାହ ଏବଂ ଅଗଷ୍ଟ ପ୍ରଥମ ଓ ଦ୍ୱିତୀୟ ସପ୍ତାହର ଆକ୍ରାନ୍ତ ଓ ସୁସ୍ଥଙ୍କ ସଂଖ୍ୟା ଓ ତୁଳନା ସମ୍ପର୍କିତ ଆଉ ଏକ ଗ୍ରାଫ୍ ଗଣମାଧ୍ୟମକୁ ଜିଲା କୋଭିଡ୍ ସେଲ୍ ପକ୍ଷରୁ ଦିଆଯାଇଛି। ଟେଷ୍ଟ ବୃଦ୍ଧି ପାଉଥିବାବେଳେ ପଜିଟିଭ୍‌ଙ୍କ ସଂଖ୍ୟା ଜୁଲାଇ ତୃତୀୟ ଓ ଚତୁର୍ଥ ସପ୍ତାହ ଏବଂ ଅଗଷ୍ଟ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ କମିବାରେ ଲାଗିଥିବା ଉକ୍ତ ଗ୍ରାଫ୍‌ରେ ଦର୍ଶାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୨୮୫୫ ଆକ୍ରାନ୍ତ ହୋଇଥିବା ବେଳେ ୧୦୧୭୧ ଏଥିରୁ ସୁସ୍ଥ ହେଲେଣି। କରୋନାରେ ୧୩୧ ଜଣଙ୍କ ଜୀବନ ଯାଇ ଥିବାବେଳେ ୨୫୫୩ଙ୍କ ଚିକିତ୍ସା ଚାଲିଛି।

ରବିବାର ସୂଚନାନୁସାରେ ୨୨୨ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ୧୯ କରୋନା ଯୋଦ୍ଧା, ଅନ୍ୟ ରାଜ୍ୟରୁ ଫେରିଥିବା ଜଣେ ଏବଂ ୨୦୨ ଜଣ ଅନ୍ୟ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲିଟି ଏବଂ ୧୬ ଏନ୍ଏସିରେ ଡାକ୍ତରୀ ଟିମ୍ ଘରକୁ ଯାଇ ଶନିବାରରୁ ମେଗା ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ କରିଛନ୍ତି। ରବିବାର ପ୍ରତି ସଦସ୍ୟଙ୍କ ଥର୍ମାଲ ସ୍କ୍ରିନିଂ ସହ ଅକ୍ସିମିଟରରେ ପଲ୍‌ସ ଯାଞ୍ଚ କରାଯାଉଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାପାଳ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାକୁ ଆସିଥିବା ଓଏଏସ୍, ଓଆରଏସ୍ ଅଫିସରମାନଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏ ଏନ୍ଏସି କିମ୍ବା ବ୍ଲକ ଦାୟିତ୍ୱ ଦିଆଯାଇଛି। ଏମାନେ ପଜିଟିଭ୍‌ଙ୍କ ସହ କଥା ହୋଇ ଗ୍ରାଉଣ୍ଡ ଜିରୋକୁ ଯାଇ ମନିଟରିଂ କରୁଛନ୍ତି। ଏଥିସହ ଏମାନେ ସଚେତନତା କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେଉଛନ୍ତି। ଲକ୍ଷଣ ଥିବା ବ୍ୟକ୍ତିଙ୍କର କିଭଳି ସ୍ୱାବ୍ ଟେଷ୍ଟ ହେବ ସେ ଉପରେ ଗୁରୁତ୍ୱାରୋପ କରାଯାଇଛି। ପଞ୍ଚାୟତସ୍ତରରେ ସ୍ୱାବ୍ ସଂଗ୍ରହ ଚାଲିଥିବା ଏବଂ ଲକ୍ଷଣ ନ ଲୁଚାଇ ଆଗକୁ ଆସିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।



ଗ୍ରାଫ୍‌ରେ ପ୍ରଶାସନ ପକ୍ଷରୁ କରୋନା ସ୍ଥିତି ସମ୍ପର୍କରେ ଦିଆଯାଇଥିବା ସୂଚନା।

**ଗଞ୍ଜାମ ଜିଲା**
- ସୁସ୍ଥ ହେଲେଣି ୧୦୧୭୧
- ଗ୍ରାଉଣ୍ଡ ଜିରୋରେ ଓଏସ୍‌ଡିଙ୍କ ମନିଟରିଂ

# କନ୍ଧମାଳରେ ୫୯ ପଜିଟିଭ୍

**ଫୁଲବାଣୀ ଅଫିସ, ୯।୮**

**୮୯୯ରେ ପହଞ୍ଚିଲା ସଂଖ୍ୟା**

କନ୍ଧମାଳ ଜିଲାରେ ରବିବାର ପୁଣି ୫୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ନୂତନ ଚିହ୍ନଟଙ୍କ ମଧ୍ୟରେ ୧୪ଜଣ ମହିଳା ଓ ୪୫ଜଣ ପୁରୁଷ ଅଛନ୍ତି। ଫୁଲବାଣୀରେ ଜଣେ ଚିହ୍ନଟ ହୋଇଥିବା ବେଳେ ଜି.ଉଦୟଗିରିରେ ୧୩, ଦାରିଙ୍ଗିବାଡିରେ ଜଣେ, କ.ନୂଆଗାଁରେ ୫, କୋଟଗଡରେ ୨, ତୁମୁଡିବନ୍ଧରେ ୧୫, ଚକାପାଦରେ ୩, ବାଲିଗୁଡାରେ ୧୮ ଓ ଫିରିଙ୍ଗିଆରେ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୮୯୯ ସଂକ୍ରମିତ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ୪୮୩ ସୁସ୍ଥ ହୋଇ ଫେରିଛନ୍ତି।

# ଜେଲରଙ୍କ ସମେତ ୬ ସଂକ୍ରମିତ

**ପାରଳାଖେମୁଣ୍ଡି,୯।୮(ସ୍ୱ.ପ୍ର.):**

**ପାରଳାଖେମୁଣ୍ଡି ଉପକାରାଗାର**

ଗଜପତି ଜିଲାରେ କରୋନା କାୟା ମେଲାଇବାରେ ଲାଗିଛି। ଜିଲାର ବିଭିନ୍ନ ଅଞ୍ଚଳରୁ ମଙ୍ଗଳବାର ୮୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ପାରଳାଖେମୁଣ୍ଡି ଉପକାରାଗାରରେ ମଧ୍ୟ କରୋନା ପଶିଥିବା ଜଣାପଡ଼ିଛି। ଜେଲର୍‌ଙ୍କ ସମେତ ଉପକାରାଗାରରେ ୬ଜଣ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଏଥିରେ ଜେଲର୍, ଜଣେ କର୍ମଚାରୀ ଏବଂ ୪ ଅନ୍ତେବାସୀ ରହିଛନ୍ତି। ଜେଲର୍ ଏବଂ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ୪ ଅନ୍ତେବାସୀଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରସ୍ଥିତ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ଜେଲ୍ ପରିସରକୁ ସାନିଟାଇଜ୍ କରାଯିବ ବୋଲି ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି।

# କ୍ରାନ୍ତିକାରୀ କୃଷକ ସଭାର ସତ୍ୟାଗ୍ରହ


ସତ୍ୟାଗ୍ରହରେ ସାମିଲ ହୋଇଥିବା କୃଷକମାନେ ।

**ଆସିକା,୯।୮(ଡି.ଏନ୍.ଏ.)**

ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନରେ ଆସିକା ବ୍ଲକ କ୍ରାନ୍ତୀକାରୀ କୃଷକ ସଭା ପକ୍ଷରୁ ରବିବାର ବିଭିନ୍ନ ଦାବି ନେଇ ସତ୍ୟାଗ୍ରହ କରାଯାଇଛି। ବ୍ଲକର ଜୟପୁର, ନାରାୟଣପୁର ଓ ବେଣିଆ ଗ୍ରାମରେ କୃଷକମାନେ ବିଭିନ୍ନ ସ୍ଥାନରେ କୃଷିକାର୍ଯ୍ୟରେ ନିୟୋଜିତ ରହି ଏହି ସତ୍ୟାଗ୍ରହରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାର କୃଷକ, ଭାଗଚାଷୀ, ଭୂମିହୀନ କୃଷି ଶ୍ରମିକମାନଙ୍କ ୯ ଦଫା ଓ ରାଜ୍ୟ ସରକାର ୫ ଦଫା ଦାବି ପୂରଣ କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ବ୍ଲକ କମିଟି ସଭାପତି ବୃନ୍ଦାବନ ବାରିକଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ଶଙ୍କର ସାହୁ, ବନମାଳୀ କାମ୍ପ, ବିଧାନ ନାୟକ, ଲଳିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ଗଜପତିରୁ ୮୫ ଆକ୍ରାନ୍ତ ଚିହ୍ନଟ ମୋଟ ସଂଖ୍ୟା ୧୯୮୮

**ପାରଳାଖେମୁଣ୍ଡି,୯।୮(ସ୍ୱ.ପ୍ର.):**

ଗଜପତି ଜିଲାରେ ବଢ଼ିଚାଲିଛି କରୋନା ସଂକ୍ରମଣ। ଜିଲାରୁ ୮୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ରବିବାର ଜିଲାପାଳ ସୂଚନା ଦେଇଛନ୍ତି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୧୯୮୮ରେ ପହଞ୍ଚିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ସର୍ବାଧିକ ୩୦ଜଣ ରହିଛନ୍ତି। ସେହିପରି ଗୁମ୍ମା ବ୍ଲକ୍‌ରୁ ୭, ଗୋଷାଣୀ ବ୍ଲକ୍‌ରୁ ୮, କାଶୀନଗର ବ୍ଲକ୍‌ରୁ ୮, ମୋହନା ବ୍ଲକ୍‌ରୁ ୨୦, ନୂଆଗଡ଼ ବ୍ଲକ୍‌ରୁ ୫, ଆର୍. ଉଦୟଗିରି ବ୍ଲକ୍‌ରୁ ୨ ଏବଂ ରାୟଗଡ଼ ବ୍ଲକ୍‌ରୁ ୫ଜଣ ରହିଥିବା ସୂଚନା ମିଳିଛି। ସଂକ୍ରମଣକୁ ରୋକିବା ପାଇଁ ଘରେ ରହି ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ନିବେଦନ କରିଛନ୍ତି।

### ୫ ବ୍ୟବସାୟୀ ପଜିଟିଭ୍

**ଆର୍.ଉଦୟଗିରି,୯।୮(ଡି.ଏନ୍.ଏ.)**

ଗଜପତି ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶକ୍ରମେ ଆର.ଉଦୟଗିରି ବସ୍‌ଷ୍ଟାଣ୍ଡ ଠାରେ ଶନିବାର ଓ ରବିବାର ଦୁଇଦିନ ୧୩୨ ଜଣ ବ୍ୟବସାୟୀଙ୍କ ଆଣ୍ଟିଜେନ୍ କିଟ୍‌ରେ କରୋନା ଟେଷ୍ଟ କରାଯାଇଥିଲା। ଶନିବାର କେହି ପଜିଟିଭ ବାହାରି ନ ଥିବାବେଳେ ରବିବାର ୫ଜଣ ବ୍ୟବସାୟୀ ପଜିଟିଭ ଥିବା ଜଣାପଡ଼ିଥିଲା। ଏହାପରେ ୪ ଜଣ କୋଭିଡ୍ ହସ୍ପିଟାଲ ଯିବାକୁ ରାଜି ହୋଇଥିବାବେଳେ ଜଣେ ମନା କରିଥିଲେ। ବିଡିଓ ପ୍ରଦୀପ କୁମାର ନାୟକ ପହଞ୍ଚି ତାଙ୍କୁ ବୁଝାଶୁଝା କରିବା ପରେ ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସେ କହିଛନ୍ତି।

### ପସରା ଗ୍ରାମ କଣ୍ଟେନମେଣ୍ଟ ଜୋନ୍

**ଶଙ୍କରାଖୋଲ,୯।୮(ଡି.ଏନ୍.ଏ.):**

ଚକାପାଦ ବ୍ଲକରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବିଡିଓ ଅନିଲ କୁମାର ପଟ୍ଟନାୟକ ପସରା ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଏହା ଅନିର୍ଦ୍ଦିଷ୍ଟ କାଳ ବଳବତ୍ତର ରହିବ। ଗ୍ରାମର ଦୁଇ ପ୍ରବେଶ ପଥକୁ ସିଲ୍ କରାଯାଇଛି। କରୋନାରେ ଆକ୍ରାନ୍ତ ହୋଇଥିବା ଲୋକଙ୍କ ସଂସ୍ପର୍ଶରେ ଆସି ବ୍ୟକ୍ତି ଜଣକ ସଂକ୍ରମିତ ହୋଇଥିବା ସୂଚନା ମିଳିଛି।

# ଆସିକା ଏନ୍ଏସିରେ ଆଣ୍ଟିଜେନ୍ ଟେଷ୍ଟ

**ଆସିକା,୯।୮(ଡି.ଏନ୍.ଏ.)**

ଆସିକା ବ୍ଲକ ଓ ଏନଏସିରେ କରୋନା ସ୍ଥିତି ନିୟନ୍ତ୍ରଣ କରିବା ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ବ୍ଲକ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ଆଣ୍ଟିଜେନ ଟେଷ୍ଟ ଚାଲିଥିବା ବେଳେ ଏନ୍ଏସି ଇଲାକାରେ ମଧ୍ୟ ଏହି ଟେଷ୍ଟ ବ୍ୟବସ୍ଥା କରାଯାଇଛି। ଗୁରୁବାର ଏନ୍ଏସିର ୨ନଂ. ଓ ୩ ନଂ. ୱାଡକୁ ଭ୍ରାମ୍ୟମାଣ ଭ୍ୟାନ୍ ଯାଇ ଆଣ୍ଟିଜେନ ଟେଷ୍ଟ କରାଯିବ ବୋଲି ଏନ୍ଏସି ପକ୍ଷରୁ ରବିବାର କୁହାଯାଇଛି। ବିଭିନ୍ନ ୱାର୍ଡର ବୟସ୍କ, ବିଭିନ୍ନ ରୋଗ ଥିବା ବ୍ୟକ୍ତି ବିଶେଷ, ପଜିଟିଭ ଚିହ୍ନଟ ପରିବାରର ସଦସ୍ୟ ଓ ପଜିଟିଭଙ୍କ ପାଖ ପଡୋଶୀଙ୍କ ଟେଷ୍ଟ କରାଯିବା ଲାଗି ବ୍ୟବସ୍ଥା ହୋଇଥିବା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ରୀୟ ଦାସ ସୂଚନା ଦେଇଛନ୍ତି। ଆସିକା ଏନ୍ଏସିର ମୋଟ ୧୮ ୱାର୍ଡରୁ ଶନିବାର ସୁଦ୍ଧା ୧୦ଟି ୱାର୍ଡ ରେଡ୍ ଜୋନ ତାଲିକାରେ ରହିଛି। ଏନ୍ଏସି ଇଲାକାରେ ଏ ପର୍ଯ୍ୟନ୍ତ ୩୫୨ ପଜିଟିଭଙ୍କ ମଧ୍ୟରୁ ୩୧୬ଜଣ ସୁସ୍ଥ ହୋଇଛନ୍ତି। ୯ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୭ ଜଣ ସକ୍ରିୟ ରୋଗୀ ଅଛନ୍ତି।

# ଭାଜପା ପକ୍ଷରୁ କ୍ରାନ୍ତି ଦିବସ


ପୁଷ୍ପ ମାଲ୍ୟାର୍ପଣରେ ଭାଜପା କାର୍ଯ୍ୟକର୍ତ୍ତା।

**ବ୍ରହ୍ମପୁର ଅଫିସ,୯।୮**

ଗଞ୍ଜାମ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କ୍ରାନ୍ତି ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଭାଜପା ପକ୍ଷରୁ ଗାନ୍ଧୀନଗର ଛକସ୍ଥିତ ମହାତ୍ମା ଗାନ୍ଧୀ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସମେତ ବ୍ରହ୍ମପୁର ମଣ୍ଡଳ କାରାଗାରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଦେଶ ପାଇଁ ଉକ୍ତ ମହାପୁରୁଷଙ୍କ ବଳିଦାନ ଉପରେ ଆଲୋଚନା ହୋଇଥିଲା। ମହାପୁରୁଷଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ତେବେ କରୋନା ଜନିତ ପ୍ରଶାସନିକ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଭାଜପା ପକ୍ଷରୁ ହେବାକୁ ଥିବା ତ୍ରିରଙ୍ଗା ଶୋଭାଯାତ୍ରାକୁ ସ୍ଥଗିତ ରଖାଯାଇଥିଲା। ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ଜିଲା ଯୁବମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ନେତା କାହ୍ନୁଚରଣ ପତି, ଏନ୍.ରାଜେନ୍ଦ୍ର କୁମାର, ଶରତ ସାହୁ ଓ ରାମ କୁମାର ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସାର ନ ପାଇ ଚାଷୀ ହନ୍ତସନ୍ତ

**ଶେରଗଡ,୯।୮(ଡି.ଏନ୍.ଏ.)**

**ଆବଶ୍ୟକ ୧୯୦୦, ଆସିଛି ୭୫୦ ମେଟ୍ରିକ୍‌ଟନ୍**

ଶେରଗଡ ବ୍ଲକରେ ଚାଷୀମାନଙ୍କୁ ସାର ମିଳୁନାହିଁ। କେବଳ ସମବାୟ ସମିତି ଓ କେତେକ ଡିଲର ଦୋକାନରେ ୟୁରିଆ ମିଳୁଛି। ବ୍ଲକର ପ୍ରାୟ ୬୦ ଭାଗ ଚାଷୀ ସାର ପାଇଁ ଚାହିଁ ବସିଛନ୍ତି। ଫଳରେ ରୁଆ ବେଉଷା ଅଟକି ଯାଇଛି। କୃଷି ବିଭାଗ କହିବା ଅନୁଯାୟୀ, ବ୍ଲକକୁ ୧୯୦୦ ମେଟ୍ରିକ ଟନ୍ ୟୁରିଆ ଆବଶ୍ୟକ ପଡୁଥିବାବେଳେ ୧୫ ସମବାୟ ସମିତି ଓ କିଛିଟା ଡିଲରଙ୍କ ଜରିଆରେ ମାତ୍ର ୭୫୦ ମେଟ୍ରିକ ଟନ୍ ଆସିଛି।

ଏନେଇ କେହି ଆମର ମତ ନିଅନ୍ତି ନାହିଁ କି ସାର କେତେ ଦରକାର ସମବାୟ ବିଭାଗ ଆମ୍ଭଙ୍କୁ ପଚାରୁ ନାହିଁ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସାର ଆବଶ୍ୟକ ଥିବାବେଳେ ମିଳୁନାହିଁ, ପାଗ ବଦଳିଗଲେ ଆଉ ସାରର ଆବଶ୍ୟକତା ନାହିଁ ବୋଲି ବିଭିନ୍ନ ପଞ୍ଚାୟତର ଚାଷୀମାନେ କହିଛନ୍ତି।

ଏନେଇ ବ୍ଲକ କୃଷି ଅଧିକାରୀ ଅଜୟ କୁମାର ନାୟକ କୁହନ୍ତି, ସାର ଦରକାର ୧୯୦୦ ମେଟ୍ରିକ ଟନ୍। ସମବାୟ ସମିତି ଓ ବିଭିନ୍ନ ଡିଲରଙ୍କ ଜରିଆରେ ମାତ୍ର ୭୫୦ ମେଟ୍ରିକ ଟନ୍ ଆସିଛି। ବଳକା ମିଳିଲେ ଚାଷୀ ଉପକୃତ ହେବେ।

# ଗାଁରେ ପିଡିଏସ୍ ସାମଗ୍ରୀ ଦେବାକୁ ଦାବି

**ଖଜୁରିପଡ଼ା,୯।୮(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ପଞ୍ଚାୟତର ୯ ଖଣ୍ଡ ଗ୍ରାମବାସୀ ଗାଁରେ ପିଡିଏସ୍ ସାମଗ୍ରୀ ଯୋଗାଇ ଦେବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଣୀପଥର, ଗେଟାମୁଣ୍ଡା, ବାଘିଆଣ୍ଟ, କୁଆଘରା, କୁଣ୍ଡାପଥର, ଖାଦ୍ଦିକୁଟି, ବଡଆଣ୍ଟ, କେଶରପଡ଼ା, ଘାଟିଗାଁର ୨୫୦ ରାଶନ କାର୍ଡ ହିତାଧିକାରୀ ଚାଉଳ ପାଇଁ ଘାଟି ରାସ୍ତାରେ ୧୬ ରୁ ୧୭ କିମି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ଲକ୍‌ଡାଉନ୍ ଯୋଗୁ ଗାଡି ଚଳାଚଳ ସ୍ୱାଭାବିକ ହୋଇ ନ ଥିବାରୁ ଚାଉଳ ଆଣିବାରେ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବ୍ଲକ ପ୍ରଶାସନଙ୍କୁ ଅନୁରୋଧ କରିବାରୁ ଖଜୁରିପଡ଼ା ବ୍ଲକ ଯୋଗାଣ ଅଧିକାରୀ ଅମରେଶ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଦୂତିପଡ଼ା ଲ୍ୟାମ୍ପ ଶାଖା ପରିଚାଳକ ପ୍ରଦୀପ କୁମାର ବେହେରା ୨ଥର ଆଣି ରାଣୀପଥରରେ ଚାଉଳ ଦେଇଥିଲେ। କିନ୍ତୁ ପୁଣି ଜୁଲାଇ ମାସରେ ବହୁ ଅସୁବିଧାରେ ସୁଡୁକୁମ୍ପା ଯାଇ ଚାଉଳ ଆଣିଛନ୍ତି। ଚଳିତଥର ପୂର୍ବପରି ରାଣିପଥରରେ ଚାଉଳ ଦେବାକୁ ଦାବି ହେଉଛି। ଏନେଇ ଯୋଗାଣ ଅଧିକାରୀ ସମରେଶ କୁମାର ଦାସ ରାଣୀପଥର ଗାଁରେ ଚାଉଳ ଦିଆଯିବ ବୋଲି କହିଛନ୍ତି।

# ରାସ୍ତାକଡ଼େ ଏନ୍ଏସି ଆବର୍ଜନା

**ଭଞ୍ଜନଗର,୯।୮(ଡି.ଏନ୍.ଏ.)**

**ଗାଡ଼ି ଚାଳକଙ୍କ ମନମାନି**

ଭଞ୍ଜନଗର ଏନ୍ଏସିର ଅଳିଆ ଆବର୍ଜନା ଅସ୍ଥାୟୀ ଭାବେ ପୁରୁଣା ମତ୍ସ୍ୟ ଯାଆଁଳ କେନ୍ଦ୍ର ପରିସରରେ ପକାଇବାକୁ ନିଷ୍ପତ୍ତି ହୋଇଛି। ହେଲେ ସେଠାକୁ ଯିବା ରାସ୍ତା ବର୍ଷାରେ କର୍ଦ୍ଦମାକ୍ତ ହେଉଥିବାରୁ ଗାଡି ଚାଳକମାନେ ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାକଡରେ ଆବର୍ଜନା ପକାଉଛନ୍ତି। ଏନ୍ଏସି କର୍ତ୍ତୃପକ୍ଷ ବାରମ୍ବାର ସେମାନଙ୍କୁ ତାଗିଦ୍ କଲେ ମଧ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁନି। କିଛିଦିନ ହେବ ସୋରାଦେବୀ ମନ୍ଦିର ରାସ୍ତାକଡ ଜଙ୍ଗଲରେ ଅଳିଆ ପକାଯାଉଛି। ମାଙ୍କଡ, କୁକୁର ଖାଦ୍ୟ ଅନ୍ୱେଷଣରେ ଆବର୍ଜନାକୁ ଜାତୀୟ ରାଜପଥ ଉପରେ ପକାଉଛନ୍ତି। ଫଳରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗଣ୍ଡିଶୁଳା ଛକରୁ ଛେଦାଭୂମି ଆଡେ ଯାଇଥିବା ଜଙ୍ଗଲ ରାସ୍ତାର କୌଣସି ସ୍ଥାନରେ ଆବର୍ଜନା ପକାଇଲେ କୌଣସି ଅସୁବିଧା ନାହିଁ। ତେଣୁ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।


ଗଣ୍ଡିଶୁଳା ଛକଠାରେ ରାସ୍ତା କଡରେ ପଡିଛି ଆବର୍ଜନା।

# ଜିଲାପାଳଙ୍କ ମୋହରକୁ ଅପେକ୍ଷା

**ବ୍ରହ୍ମପୁର ଅଫିସ,୯।୮**

**ଏମ୍‌କେସିଜି ମେଡିକାଲ ଓପିଡି ଖୋଲିବା ପ୍ରସଙ୍ଗ**

ଦକ୍ଷିଣ ଓଡିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା ପାଇଁ ବ୍ରହ୍ମପୁରରେ ରହିଛି ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ। ଏହି ମେଡିକାଲ ଉପରେ ପ୍ରତିଦିନ ଦକ୍ଷିଣ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣ, ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଖୋର୍ଦ୍ଧା ଜିଲାରୁ ହଜାର ହଜାର ସଂଖ୍ୟାରେ ରୋଗୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ବିଶେଷକରି ପ୍ରତିଦିନ ବିଭିନ୍ନ ରୋଗ ନିଦାନ ଓ ଚିକିତ୍ସା ପାଇଁ ୪ରୁ ୫ ହଜାର ରୋଗୀ ଏମ୍‌କେସିଜି ମେଡିକାଲ ବହିଃ ଚିକିତ୍ସା ବିଭାଗ (ଓପିଡ଼ି)କୁ ଆସିଥାନ୍ତି। ତେବେ କରୋନା ମୁକାବିଲା ପାଇଁ ଏହି ଓପିଡ଼ିକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୮ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦକରି ଦିଆଯାଇଥିଲା। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଏବେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଗତ ୫ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ମହାପାତ୍ର ଗଞ୍ଜାମ ଜିଲା ଗସ୍ତ କରିବା ସହ ଏମ୍‌କେସିଜିର ସ୍ଥିତି ସମୀକ୍ଷା କରିଥିଲେ। ମେଡିକାଲ ଇଣ୍ଡୋର ବିଭାଗରେ ଚିକିତ୍ସିତ ହେଉଥିବା ବିଭିନ୍ନ ରୋଗୀଙ୍କ ସହ ଆଲୋଚନା ଓ ପରିଦର୍ଶନ ବେଳେ ରୋଗୀମାନେ ଠିକ୍ ଭାବେ ଚିକିତ୍ସା ସେବା ପାଇପାରୁ ନ ଥିବା ନେଇ ସେ ରିପୋର୍ଟରେ ଦର୍ଶାଇଥିଲେ। ଅନ୍ୟପଟେ ଏହି ହସ୍ପିଟାଲରେ ଏକ ମାସରୁ ଊର୍ଦ୍ଧ୍ୱ ଦିନ ହେଲା ଅଣ କୋଭିଡ୍ ରୋଗୀଙ୍କ ଚିକିତ୍ସା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏପରିକି ଏଠାରେ ଚିକିତ୍ସା ସେବା ନ ପାଇ ଅନେକ ରୋଗୀ ଜିଲା ଓ ରାଜ୍ୟ ବାହାରକୁ ଯାଉଥିବା ବେଳେ କେତେକଙ୍କ ସେଠାରେ ଜୀବନ ମଧ୍ୟ ଚାଲିଯାଉଛି। ଅତିରିକ୍ତ ସଚିବଙ୍କ ସମୀକ୍ଷା ପରେ ଏମ୍‌କେସିଜି ମେଡିକାଲରେ ଓପିଡ଼ି ସେବା ଅଗଷ୍ଟ ୧୦ ତାରିଖରୁ ଆରମ୍ଭ ହେବ ବୋଲି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଗତ ୬ ତାରିଖରେ ପ୍ରାୟ ୧୦ ବିଭାଗ ମୁଖ୍ୟଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଛାତି ଓ ଯକ୍ଷ୍ମା, ଚର୍ମ ଓ ମାନସିକ ରୋଗ ବିଭାଗ ଓପିଡ଼ି ସେହି ବିଭାଗ ଇନ୍‌ଡୋରରେ ହିଁ ଖୋଲିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଅନ୍ୟ ସମସ୍ତ ବିଭାଗର ଓପିଡ଼ି ପୂର୍ବଭଳି ନିଜ ନିଜ ସ୍ଥାନରେ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ମେଡିକାଲ ଅଧୀକ୍ଷକ ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଜ୍ୱରରେ ଆକ୍ରାନ୍ତଙ୍କ ପାଇଁ ଇନ୍‌ଡୋର କୋଠା ନିକଟରେ ଏକ କ୍ଲିନିକ, ରୋଗୀ ଚିକିତ୍ସା ବେଳେ ଯେପରି ସାମାଜିକ ଦୂରତ୍ୱ ବଜାୟ ରହିବ ସେଥିପାଇଁ ପୋଲିସ ଓ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଜିଲାପାଳଙ୍କ ଚିଠି ଅନୁସାରେ ଓପିଡ଼ି ବନ୍ଦ ହୋଇଥିଲା। ହେଲେ ୧୦ ତାରିଖରେ ଓପିଡ଼ି ଖୋଲିବ କି ନାହିଁ ସେ ନେଇ ଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ କୌଣସି ନିର୍ଦ୍ଦେଶ ଦେଇନାହାନ୍ତି ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି। ଜିଲାପାଳଙ୍କ ମୋହର ଲାଗିବା ପରେ ଓପିଡ଼ି ଖୋଲିବ ବୋଲି ସେ କହିଛନ୍ତି।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କୁହନ୍ତି, ଏମ୍‌କେସିଜି ମେଡିକାଲରେ ଇନ୍‌ଡୋର ରୋଗୀଙ୍କ ସହ ଗର୍ଭବତୀଙ୍କର ଚିକିତ୍ସା କରାଯାଉଛି। ଏପରିକି ରୋଗୀମାନଙ୍କ ପାଇଁ ଟେଲିମେଡ଼ିସିନ ସୁବିଧା ମଧ୍ୟ କରାଯାଇଛି। ଏହି ସମସ୍ତ ରୋଗୀ ଏବେ ଏମ୍‌କେସିଜିରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ପାରୁଛନ୍ତି। ଅନ୍ୟପଟେ ଡାକ୍ତରଙ୍କ ସହ ଆଲୋଚନା ଓ ପରିସ୍ଥିତି ସମୀକ୍ଷା କରିବା ପରେ ଓପିଡ଼ି ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

